# ଅର୍ପଣ

ଜୟ ଜଗଦୀଶ          ଜୟ ସମ୍ପଦୀଶ
ଜୟ ମୋ ଜୀବନ କାରଣ,
ମନ ମୋର ଯେବେ          ଅପଥେ ଚଳଇ
କାହିଁକି ନ କର ବାରଣ ?

ଯେବେ କରିବାକୁ ତବ ତର୍ପଣ,
କରେଁ ତାକୁ ପଦତଳେ ଅର୍ପଣ
ପାପେ ଘୃଣାକରି          ଫିଙ୍ଗିଦିଅ କିଁପା
ତୁମ୍ଭେ ପରା ଜନତାରଣ ।।୧ ।।

ଭବେ ତୁମ୍ଭେ ମହା ପାପହରଣ
ବୋଲି ପଶିଲି ଚରଣେ ଶରଣ
ପାପେ ଯଦି ଡରି          ଯିବ ଅପସରି
କେମନ୍ତେ ହେବ ତା ଜାରଣ ? ।।୨ ।।

ଯଦି ବୋଲିବ ମୋର ଭରମ
ପାପ ମୋର ଅରଜିତ କରମ
ଅରଜିଛିଁ ଯାହା          ଅରପିଲି ତାହା
କୃପା ବହି କର ଧାରଣ ।।୩।।

ମନ ନୁହେ କି ତୁମ୍ଭର ପ୍ରଦାନ
କଣ ନୁହେ ସେ ପ୍ରାଣର ପ୍ରଧାନ,
ଦେଇଅଛ ଯାହା          ନେବ ନାହିଁ ତାହା
ଏ କେମନ୍ତ ଅବଧାରଣ ।।୪ ।।